Sriramchandra Bhanja Deo 150th birth anniversary news published in the 'Samaj' on 12.06.2022

# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀରେ ଆଲୋଚନାଚକ୍ର

କଟକ,୧୧।୬(କ.ପ୍ର): ସାହିତ୍ୟ ଅକାଦେମି ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଏକ ଆଲୋଚନାଚକ୍ର ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ଉଦ୍‌ଘାଟନକରି କହିଲେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଆଧୁନିକତାର ବାର୍ତ୍ତାବହ। ପରାଧୀନ ଭାରତବର୍ଷରେ ସ୍ୱଚ୍ଛ ଶାସନ ପ୍ରବର୍ତ୍ତନ କରି ସ୍ମରଣୀୟ ହୋଇଛନ୍ତି। ଭାଷା-ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମହାରାଜାଙ୍କ ବିଶେଷ ଅବଦାନ ଅବର୍ଣ୍ଣନୀୟ। ସେ ଥିଲେ ଜଣେ ଦୂରଦର୍ଶୀ ଓ କ୍ରାନ୍ତିକାରୀ ସୁଶାସକ ଥିଲେ ବୋଲି କୁଳପତି ଶ୍ରୀ ବସା କହିଥିଲେ। ଉତ୍କଳ ସାହିତ୍ୟ ସମାଜର



ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଆଲୋଚକ ଭାବରେ ବରିଷ୍ଠ ପ୍ରଶାସକ ପ୍ରଦୀପ କୁମାର ବିଶ୍ୱାଳ ଓ ଅଧ୍ୟାପକ ଅଭିରାମ ବିଶ୍ୱାଳ ମହାରାଜାଙ୍କ ମହନୀୟ ବ୍ୟକ୍ତିତ୍ୱ ଓଡ଼ିଶାର ଇତିହାସ ପ୍ରଣୟନରେ ସହାୟକ ହୋଇଛି ବୋଲି କହିଥିଲେ। ପ୍ରାରମ୍ଭରେ ସାହିତ୍ୟ ଅକାଦେମିର କାର୍ଯ୍ୟକ୍ରମ ଅଧିକାରୀ ମିହିର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୂଚନା ପ୍ରଦାନ ପୂର୍ବକ କହିଥିଲେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଅନନ୍ୟ ସାଧାରଣ ପ୍ରଶାସକ। ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲା ବେଳେ ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ବସାଙ୍କୁ ସମ୍ମାନିତ କରାଯାଇଥିଲା।